بِسۡمِ اللّٰہِ الرَّحۡمٰنِ الرَّحِیۡمِ

৩ ଅକ୍ଟୋବର ୨୦୨୫ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ହୁନୈନ୍ ଯୁଦ୍ଧର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଓଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

**ତଶହ୍ହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱରଅ.ବ କହିଲେ; ହୁନୈନ୍ ଯୁଦ୍ଧ ପରେ ତହିଁରୁ ପ୍ରାପ୍ତ ହୋଇଥିବା** ମାଲେ ଗନିମତ୍ **(ଯୁଦ୍ଧ ଅର୍ଜିତ ଧନସମ୍ପଦ) ଓ ତାହାର ବଣ୍ଟନର ଚର୍ଚ୍ଚା ଚାଲିଥିଲା । ସେଥି ସଂକ୍ରାନ୍ତରେ ଅତିରିକ୍ତ ଘଟଣାବଳୀ ଏପରି ବର୍ଣ୍ଣିତ ରହିଛି । ହଜରତ ମୁହମ୍ମଦସ.ଅ ସମସ୍ତ** ମାଲେ ଗନିମତ୍ **ଜୋରାନା ସ୍ଥାନରେ ଏକତ୍ରିତ କରିବାର ଆଦେଶ ଦେଲେ । ତା'ପରେ ମହାଭାଗ ତାଇଫ ଆଡ଼କୁ ଯାତ୍ରା କଲେ ଏବଂ ସେଠାରେ ପାଖାପାଖି ଏକ ମାସ ରହିବା ପରେ ଜୋରାନା ଚାଲି ଆସିଲେ । ସେପର୍ଯ୍ୟନ୍ତ ସୁଦ୍ଧା ମହାଭାଗ** ମାଲେ ଗନିମତ୍ **ବଣ୍ଟନ କରି ନଥିଲେ, ବରଂ କିଛି ଦିନ ଅପେକ୍ଷା କରିଥିଲେ ଯେ ସମ୍ଭବତଃ ବନୁ ହଓ୍ୱାଜିନ୍ ଅନୁତାପ କରି ଫେରି ଆସିବେ । ଏପଟେ ପୁଣ୍ୟଶ୍ଳୋକ ସେମାନଙ୍କ ଅପେକ୍ଷା କରିଚାଲିଥିଲେ, କିନ୍ତୁ ସେପଟେ ବନୁ ହଓ୍ୱାଜିନ୍ ଏହି ଛକାପଞ୍ଝାରେ ନିପତିତ ଥିଲେ ଯେ, ଜଣା ନାହିଁ ମୁହମ୍ମଦ ସ.ଅଙ୍କ ନିକଟକୁ ଯିବା ଆମମାନଙ୍କ ପାଇଁ ଫଳପ୍ରଦ ହେବ ଅବା ନୁହେଁ । ତେବେ ସେଠାରେ ୧୩/୧୪ଦିନ ଅପେକ୍ଷା କରିବା ପରେ ମହାଭାଗ** ମାଲେ ଗନିମତ୍ **ବଣ୍ଟନ କରିବା ଆରମ୍ଭ କରିଥିଲେ ସେତେବେଳେ ବନୁ ହଓ୍ୱାଜିନ୍‌ର ୧୪ଜଣ ପ୍ରତିପତ୍ତିଶାଳୀ ବ୍ୟକ୍ତି ଇସଲାମ ଧର୍ମ ସ୍ୱୀକାର କରିନେଇଥିଲେ, ମହାଭାଗଙ୍କ ସେବାରେ ଉପସ୍ଥିତ ହେଲେ ଓ ଅନୁନୟ ପୂର୍ବକ କହିଲେ; ଆମର ସମଗ୍ର ଗୋଷ୍ଠୀ ଇସଲାମ ଧର୍ମ ଗ୍ରହଣ କରିନେଇଛି । ତେଣୁ ଆପଣ ସେମାନଙ୍କ ପ୍ରତି କରୁଣା କରନ୍ତୁ, ଏଥିରେ ମହାଭାଗସ.ଅ କହିଲେ; ମୁଁ ଅନେକ ଦିନ ପର୍ଯ୍ୟନ୍ତ ତୁମମାନଙ୍କର ଅପେକ୍ଷା କଲି, କିନ୍ତୁ ତୁମେମାନେ ଆସିଲ ନାହିଁ । ଏବେ ତ ମୁଁ** ମାଲେ ଗନିମତ୍ **ବଣ୍ଟନ କରି ସାରିଛି । ଆଉ ତୁମେମାନେ ଦେଖୁଅଛ, କଏଦୀମାନଙ୍କ ମଧ୍ୟରୁ ଖୁବ୍ କମ୍ (ସଂଖ୍ୟକ) ବଳକା ରହିଯାଇଛନ୍ତି । ବାକି ସମସ୍ତଙ୍କୁ ବାଣ୍ଟି ଦିଆଯାଇଛି, ଅତଃ ଏବେ ତୁମେ ଧନ ଓ ଆସବାବ ଅବା ପୁରୁଷ ଓ ମହିଳା କଏଦୀମାନଙ୍କ ମଧ୍ୟରୁ କୌଣସି ଗୋଟିକୁ ଚୟନ କରିପାରିବ, ଯାହାକି ମୁଁ ତୁମକୁ ପ୍ରଦାନ କରିପାରିବି । ବସ୍ତୁତଃ ବନୁ ହଓ୍ୱାଜିନ୍ ଦଳ ପୁରୁଷ ଓ ମହିଳା କଏଦୀମାନଙ୍କୁ ଫେରାଇ ନେବାର ନିଷ୍ପତ୍ତି ନେଲେ ଏବଂ ବନୁ ଅବ୍ଦୁଲ୍ ମୁତଲିବ୍ ନିକଟରେ ରହିଥିବା କଏଦୀମାନଙ୍କୁ ହୁଜୁରସ.ଅ ସଙ୍ଗେସଙ୍ଗେ ଫେରାଇ ଦେଲେ । ଯେତେବେଳେ କି ବାକି କଏଦୀମାନଙ୍କ ସମ୍ବନ୍ଧରେ ତାଙ୍କୁ ପରାମର୍ଶ ଦେଲେ ଯେ, ସେମାନେ ମୁସଲମାନମାନଙ୍କ ସମ୍ମୁଖରେ ନିଜ ଇସଲାମ ଧର୍ମ ଗ୍ରହଣ କରିବାର ପରିପ୍ରକାଶ କରି ମହାଭାଗଙ୍କୁ ନିଜ ପାଇଁ ସୁପାରିଶକାରୀ ସ୍ଥିର କରନ୍ତୁ । ସୁତରାଂ ଏହି ଉପାୟ ଅବଲମ୍ବନ କରି ନବୀଶ୍ରେଷ୍ଠ ହଜରତ ମୁହମ୍ମଦସ.ଅ ଜଣେ ମହାନ ଦାତାର ନମୁନା ପ୍ରଦର୍ଶନ କରି ବନୁ ହଓ୍ୱାଜିନ୍‌ର ସମସ୍ତ କଏଦୀମାନଙ୍କୁ ସ୍ୱାଧୀନ କରି ଦେଇଥିଲେ ।**

ହଜରତ ମୁହମ୍ମଦସ.ଅ ବନୁ ହଓ୍ୱାଜିନ୍‌ର ସେହି କଏଦୀମାନଙ୍କୁ କେବଳ କୌଣସି ପ୍ରକାରର ବିନା ମୁକ୍ତିମୂଲ୍ୟରେ ସ୍ୱାଧୀନ କରି ନଥିଲେ, ବରଂ ସେମାନଙ୍କୁ ବସ୍ତ୍ର ମଧ୍ୟ ପ୍ରଦାନ କରିଥିଲେ । ମହାଭାଗ ତାଙ୍କୁ ତାଗିଦ

କରିଥିଲେ ଯେ, କୌଣସି ସ୍ୱାଧୀନ ପ୍ରାପ୍ତ ବ୍ୟକ୍ତି ବିନା ନୂତନ ବସ୍ତ୍ରରେ ପ୍ରତ୍ୟାବର୍ତ୍ତନ କରିବ ନାହିଁ । ଅତଃ ଏହି ଆଦେଶ ପାଳନରେ ପ୍ରତ୍ୟେକ ସ୍ୱାଧୀନ ବ୍ୟକ୍ତିକୁ ନୂତନ ବସ୍ତ୍ର ପ୍ରଦାନ କରାଗଲା । ବର୍ଣ୍ଣନା ଅନୁଯାୟୀ ତିନିଜଣ (ମୁସଲମାନ) ବ୍ୟକ୍ତି ଏପରି ଥିଲେ ଯେଉଁମାନେ ନିଜ କଏଦୀ ଫେରସ୍ତ କରିବାକୁ ମନା କରିଦେଲେ । ଅନ୍ୟ ଏକ ବର୍ଣ୍ଣନା ଅନୁଯାୟୀ ପୁଣ୍ୟଶ୍ଳୋକ କହିଲେ; ବନୁ ହୱାଜିନ୍‌ର ସମସ୍ତ କଏଦୀମାନେ ସ୍ୱାଧୀନ ଓ ଯେ ନିଜ କଏଦୀ ସ୍ୱାଧୀନ କରିବାକୁ ପ୍ରସ୍ତୁତ ନାହିଁ, ତାହାକୁ ବୈତୁଲ୍ ମାଲ୍ (ପାଣ୍ଠି)ରୁ ୬ଗୋଟି ଯୁବ ଓଟ ତାହା ପ୍ରତିବଦଳରେ ପ୍ରଦାନ କରାଯିବ । ଏଥିରେ ସେହି ଲୋକମାନେ ମଧ୍ୟ ରାଜି ହୋଇଗଲେ, ଯେଉଁମାନେ ନିଜ କଏଦୀ ଦେବାକୁ ମନା କରି ଦେଇଥିଲେ । ଏପରି ବନୁ ହୱାଜିନ୍‌ର ୬୦୦୦କଏଦୀ ସ୍ୱାଧୀନ କରିଦିଆ ଯାଇଥିଲେ ।

ଆଉ କେତେକ ବର୍ଣ୍ଣନା ଅନୁଯାୟୀ ଉୟୈନା ବିନ୍ ହସନ୍ ଫଜାରୀ ଅବଜ୍ଞା କରିଥିଲା, ଫଳତଃ ତାହାକୁ ଭୀଷଣ ଅପମାନ ସହ୍ୟ କରିବାକୁ ପଡିଥିଲା ଏବଂ ସେ ସମସ୍ତ ପ୍ରକାରର କଲ୍ୟାଣ ଓ ବିଭୂତିରୁ ବଞ୍ଚିତ ରହିଲା । ଯେତେବେଳେ ମହାଭାଗଙ୍କୁ ସୂଚିତ କରାଗଲା ଯେ, କେବଳ ଉୟୈନା ବ୍ୟତୀତ ସମସ୍ତ କଏଦୀମାନଙ୍କୁ ସ୍ୱାଧୀନ କରିଦିଆଯାଇଛି । ସେତେବେଳେ ମହାଭାଗ କହିଲେ; **ଅଲ୍ଲାଃତାଲାଙ୍କ ନିକଟରୁ ସେ କ୍ଷତି ସହ୍ୟ କରିବ** । ତାହାର କଏଦୀର ଘଟଣା ଏପରି ଥିଲା, ସେ ତରୁଣୀ କନ୍ୟା ବଦଳରେ ଏକ ବୟସ୍କ ମହିଳାଙ୍କୁ କଏଦ କରିଥିଲା । ଯାହା ଫଳରେ ତାକୁ ନିଜ ଇଚ୍ଛା ଅନୁଯାୟୀ ଫିଦ୍‌ୟା (ମୁକ୍ତିମୂଲ୍ୟ) ମିଳି ପାରିବ, କାରଣ ଉକ୍ତ ମହିଳାର ବହୁ ସଂଖ୍ୟାକ ପିଲାଛୁଆ ଥିବେ । ଯେତେବେଳେ ସେହି ମହିଳାଙ୍କ ପୁତ୍ର ଉୟୈନା ନିକଟକୁ ଆସିଲା ଏବଂ ୧୦୦ଗୋଟି ଓଟ ବଦଳରେ ନିଜ ମାତାଙ୍କୁ ମୁକ୍ତ କରିବାର ପ୍ରସ୍ତାବ ଦେଲା ସେତେବେଳେ ଉୟୈନା ଅଧିକ ମିଳିବା ଲୋଭରେ ସେହି ମହିଳାଙ୍କୁ ସ୍ୱାଧୀନ କରିବାକୁ ମନା କରିଦେଲା । କିଛି ସମୟ ପରେ ଉୟୈନା ସ୍ୱୟଂ ସେହି ପୁତ୍ର ନିକଟକୁ ଗଲା ଆଉ କହିଲା; ତୁମେ ଯେତେ ଗୋଟି ଓଟ ଦେବା ପାଇଁ ପ୍ରସ୍ତାବ ଦେଇଥିଲ କ'ଣ ଏବେ ମଧ୍ୟ ସେତିକି ଦେବା ପାଇଁ ପ୍ରସ୍ତୁତ ଅଛ । ସେ ଉତ୍ତର ଦେଲା, ଏବେ ତ ମୁଁ ମାତ୍ର ୫୦ ଗୋଟି ଓଟ ଦେବି । ଏପରି ସେ ଆଉ କିଛି ମାଗିବା ପୂର୍ବରୁ ସେ ପୁନଶ୍ଚ କହୁଥାଏ, ଆଚ୍ଛା ! ମୁଁ ତାହା ମଧ୍ୟ ଦେବି ନାହିଁ । ଏପରି (ମୁକ୍ତିମୂଲ୍ୟ) ଖସି ଖସି ଚାଲିଲା ଯେ, ଶେଷରେ ଉୟୈନା କହିବାକୁ ବାଧ୍ୟ ହେଲା କି ତୁମେ ଏହି ବୃଦ୍ଧ ମହିଳାଙ୍କୁ ମୋ ଠାରୁ ମାଗଣାରେ ନେଇଯାଅ । ଏଥିରେ ସେହି ଯୁବକ ଜଣକ କହିଲା, ମହାଭାଗ ତ ପ୍ରତ୍ୟେକ କଏଦୀଙ୍କୁ ସ୍ୱାଧୀନ କରିବା ସହିତ ତାହାକୁ ନୂତନ ବସ୍ତ୍ର ଦେଇ ଛାଡ଼ିବାର ଆଦେଶ ଦେଇଛନ୍ତି । ସେଥିରୁ ମୋ ମାତା ବଞ୍ଚିତ ରହି ନଯାନ୍ତୁ, ତେଣୁ ତୁମେ ତାହାଙ୍କୁ ନୂତନ ବସ୍ତ୍ର ପ୍ରଦାନ କର । ତେଣୁ ଉୟୈନା ତାଙ୍କୁ ନିଜ ଚାଦର ଦେବାକୁ ବାଧ୍ୟ ହେଲା ଓ ଏପରି ସେହି ଯୁବକ ଜଣକ ନିଜ ମାତାଙ୍କୁ ନୂତନ ବସ୍ତ୍ର (ପରିହିତ କରାଇ) ସେଠାରୁ ପ୍ରତ୍ୟାବର୍ତ୍ତନ କଲା ।

ପବିତ୍ର ଅବତାର ହଜରତ ମୁହମ୍ମଦ[ସ.ଅ] ବନୁ ହୱାଜିନ୍‌ଙ୍କୁ ତାଙ୍କର ସରଦାର ମାଲିକ ବିନ୍ ଔଫ୍ ସମ୍ପର୍କରେ ପଚାରିବାରୁ ଜଣା ପଡିଲା ଯେ, ସେ ତାଇଫ୍ ଠାରେ ବନୁ ସକିଫ୍ (କବିଲା)ରେ ଶରଣ ନେଇଛି । ମହାଭାଗ ତାହା ନିକଟକୁ ଖବର ପଠାଇଲେ ଯେ, ଯଦି ସେ ହୁଜୁର [ସ.ଅ]ଙ୍କର ଆଜ୍ଞାବହତା ସ୍ୱୀକାର କରି ଚାଲିଆସିବ ତେବେ ତାହାର ସ୍ତ୍ରୀପିଲା ତାହାକୁ ଫେରସ୍ତ କରିଦିଆଯିବ । ଯେତେବେଳେ ମାଲିକ ବିନ୍ ଔଫ୍ ମହାଭାଗଙ୍କ ସେବାରେ ଉପସ୍ଥିତ ହେଲା ସେତେବେଳେ ତାକୁ ତା'ର ସ୍ତ୍ରୀପିଲା ଫେରାଇ ଦିଆଗଲା, ଏଥି ସହିତ ତାକୁ ୧୦୦ ଗୋଟି ଓଟ ମଧ୍ୟ ଉପାହାର ସ୍ୱରୂପ ପ୍ରଦାନ କରାଗଲା । **ମାଲିକ ପୁଣ୍ୟଶ୍ଳୋକଙ୍କର ଏହି ମହାନ ଦାନର ନମୁନା ଦେଖି ମୁସଲମାନ ପାଲଟି ଗଲା ।**

ବନୁ ହୱାଜିନ୍‌ର କଏଦୀମାନଙ୍କ ମଧ୍ୟରେ ଶିମା ନାମୀ ଜଣେ ମହିଳା ମଧ୍ୟ ଅନ୍ତର୍ଭୁକ୍ତ ଥିଲେ, ଯାହାଙ୍କ ଅସଲ ନାମ ହୁଜେଫା ଥିଲା । ଯେତେବେଳେ ସେ କଏଦ ହେଲେ ସେତେବେଳେ ସେ କହିଲେ; ମୁଁ ତୁମ ନବୀଙ୍କର ରଜାଈ (ଜଣେ ମହିଳାଙ୍କ ଠାରୁ କ୍ଷୀରପାନ କରିଥିବା) ଭଉଣୀ । ଫଳରେ ତାଙ୍କୁ ମହାଭାଗଙ୍କ ସେବାରେ

ଉପସ୍ଥିତ କରାଗଲା । ସେତେବେଳେ ସେ ନିଜ ରଜାଈ ସମ୍ପର୍କର ପ୍ରମାଣ ଦେଇ ଦାନ୍ତର ଏକ ଚିହ୍ନ ଦେଖାଇଲେ ଓ କହିଲେ ଏହି ଚିହ୍ନ ସେତେବେଳର ଯେବେ ଆପଣ ମୋ କୋଳରେ ଥିବା ଅବସ୍ଥାରେ ମୋତେ କାମୁଡ଼ି ଦେଇଥିଲେ । ପୁନଶ୍ଚ କହିଲେ, ସେତେବେଳେ ଆମେ ଛେଳି ଚରାଉ ଥିଲେ ଓ ଆପଣ ସ.ଅଙ୍କ ରଜାଈ ମାତାପିତା ହେଉଛନ୍ତି ମୋର ଜନ୍ମକଲା ପିତାମାତା । ଏକଥା ଶୁଣି ପୁଣ୍ୟଶ୍ଳୋକ ନିଜ ସ୍ଥାନରୁ ଛିଡ଼ା ହୋଇଗଲେ ଓ ନିଜ ଚାଦର ବିଛାଇ କହିଲେ; ଏହା ଉପରେ ବସ । ସେତେବେଳେ ମହାଭାଗଙ୍କ ଚକ୍ଷୁରୁ ଅଶ୍ରୁ ନିର୍ଗତ ହୋଇଗଲା । ହୁଜୁରସ.ଅ ତାଙ୍କୁ ନିଜ ରଜାଈ ମାତାପିତାଙ୍କ ସଂକ୍ରାନ୍ତରେ ପଚାରିଲେ, ଏଥିରେ ସେ ଉତ୍ତର ଦେଲେ ତାଙ୍କର ତ ନିଧନ ହୋଇଯାଇଛି । ସେଥିଅନ୍ତେ ହୁଜୁର ସେଠାରେ ରହିବାକୁ ଅବା ଫେରି ଯିବାର ତାଙ୍କୁ ସ୍ୱାଧୀନତା ପ୍ରଦାନ କଲେ । ସେ ଇସଲାମ ଧର୍ମ ଗ୍ରହଣ କରିବା ପରେ ସେଠାରୁ ଫେରି ଯିବାର ନିଷ୍ପତ୍ତି ନେଲେ । ହୁଜୁରସ.ଅ ତାଙ୍କୁ ଭେଟି ସ୍ୱରୂପ ତିନିଜଣ ଦାସ ଓ ଜଣେ ଦାସୀ ତଥା ଓଟ ମଧ ପ୍ରଦାନ କରିଥିଲେ । ଅବୁ ଦାଉଦ୍‌ଙ୍କର ଏକ ଦୁର୍ବଳ ବର୍ଣ୍ଣନା ରହିଛି ଯେ, ଜୋରାନା ସ୍ଥାନରେ ହୁଜୁର ସ.ଅଙ୍କୁ ତାଙ୍କର ଜଣେ ରଜାଈ ମାତା ସାକ୍ଷାତ କରିବାକୁ ଆସିଲେ, କିନ୍ତୁ ଏହି ତଥ୍ୟ ଦୁର୍ବଳ ଅଟେ । ମହାମହିମ ହୁଜୁର ଅନଓ୍ୱରଅ.ବ କହିଲେ; ସମ୍ଭବତଃ ହୁଜୁର ସ.ଅଙ୍କୁ ତାଙ୍କର ରଜାଈ ମାତାଙ୍କର ସାକ୍ଷାତ କରିବା ଘଟଣା ଅନ୍ୟ କୌଣସି ଅବସରରେ ହୋଇଥିବ ଅବା ବର୍ଣ୍ଣନାକାରୀଙ୍କୁ ଭ୍ରମ ଲାଗିଥିବ । କାରଣ ବର୍ଣ୍ଣନା ଅନୁଯାୟୀ ହୁନୈନ୍ ଯୁଦ୍ଧ ପୂର୍ବରୁ ମହାଭାଗଙ୍କ ରଜାଈ ମାତାପିତାଙ୍କର ନିଧନ ହୋଇଯାଇଥିଲା ।

ନବୀଶ୍ରେଷ୍ଠ ହଜରତ ମୁହମ୍ମଦସ.ଅ ଯେତେବେଳେ ମକ୍କାରୁ ମଦିନା ପ୍ରବାସ କରିଥିଲେ ସେତେବେଳେ ୧୦୦ଟି ଓଟ ପୁରସ୍କାର ପାଇବାର ଲାଳଷାରେ ସୁରାକା ବିନ୍ ମାଲିକ୍ ମହାଭାଗଙ୍କର ପିଛା କରିଥିଲା ଓ ସେତେବେଳେ ହୁଜୁର ତାହା ପାଇଁ ଏକ ଉଇଲ୍ ଲେଖି ଦେଇଥିଲେ । ସେହି ସୁରାକା ଜୋରାନ ସ୍ଥାନରେ ନିଜର ସେହି ପତ୍ର ସାଥିରେ ନେଇ ପହଞ୍ଚିଲା ଓ ଇସଲାମ ଧର୍ମର ଦୀକ୍ଷା ନେଲା । ସେହି ରହଣୀ କାଳରେ ମହାଭାଗ ଏକଦା ରାତ୍ରୀରେ ଉମ୍‌ରା କରିବା ଉଦ୍ଦେଶ୍ୟରେ ମକ୍କା ଅଭିମୁଖେ ପ୍ରସ୍ଥାନ କଲେ ଓ ସେହି ରାତିରେ ହିଁ ଫେରି ଆସିଲେ । ଲୋକମାନେ ମନେ କଲେ ଯେ, ଯେପରି ଆପଣ କୁଆଡ଼େ ଯାଇ ହିଁ ନାହାନ୍ତି । ଜିଲ୍ କାଦାଃ ମାସ ଶେଷ ହେବାକୁ ୧୨ଦିନ ବାକି ରହିଥିଲା ଯେ, ମହାଭାଗ ମଦିନା ପ୍ରତ୍ୟାବର୍ତ୍ତନ କରିବାର ଯାତ୍ରା ଆରମ୍ଭ କରିଦେଲେ ଏବଂ ୯ଦିନ ଯାତ୍ରା କରିବା ପରେ ହୁଜୁରସ.ଅ ସକୁଶଳେ ମଦିନାରେ ପହଞ୍ଚିଗଲେ । ପ୍ରିୟ ହୁଜୁର ଅନଓ୍ୱରଅ.ବ ପାଶ୍ଚାତ୍ୟ ଦାର୍ଶନିକମାନଙ୍କର କେତେକ ନିରର୍ଥକ ଆପତ୍ତି ଓ ସେଗୁଡ଼ିକର ସଂକ୍ଷିପ୍ତ ଉତ୍ତର ଉପସ୍ଥାପନ କରି କହିଲେ; ଏସବୁ ମୁଁ ପୂର୍ବରୁ ମଧ ବର୍ଣ୍ଣନା କରିସାରିଛି । ତେବେ ଏସବୁ ଥିଲା, ହୁନୈନ୍ ଯୁଦ୍ଧର ସବିଶେଷ ବିବରଣୀ । ଆସନ୍ତାରେ ଇନ୍‌ଶାଅଲ୍ଲାଃ ବାକି ସରିୟାଗୁଡ଼ିକର ବର୍ଣ୍ଣନା କରିବି ।

ପରିଶେଷରେ ମହାମାନ୍ୟ ହୁଜୁର ଅନଓ୍ୱରଅ.ବ ଦୁଇଜଣ ମୃତକଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କରି ସେମାନଙ୍କ ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ । **ପ୍ରଥମ** ହେଲେ ଶ୍ରୀମାନ ଡ଼ାଃ ଲଈକ୍ ଅହମଦ ଫଁରଖ ସାହେବ କାନାଡ଼ା ନିବାସୀ । ସ୍ୱର୍ଗତ ଦୀର୍ଘ କାଳ ଉତ୍ସର୍ଗୀ ରୂପେ ଆଫ୍ରିକାରେ ସେବା ସମ୍ପାଦନ କରିଛନ୍ତି । ବେଶ୍ ଉତ୍ସର୍ଗ ପୂର୍ଣ୍ଣ ମନୋଭାବର ସହିତ ସେ ନିଜ ଦାୟିତ୍ୱ ନିର୍ବାହ କରିଛନ୍ତି । ସ୍ୱର୍ଗତ ନିରବ ଓ ଶାନ୍ତ ସ୍ୱଭାବ, ଦୁଆକାରୀ, ବିନମ୍ର, ସୁଦୃଢ଼ ଓ ଧୈର୍ଯ୍ୟଧାରୀ ବ୍ୟକ୍ତିତ୍ୱର ପ୍ରତୀକ ଥିଲେ । ନିଜର ସମ୍ପୂର୍ଣ୍ଣ ଜୀବନ ମାନବଜାତିର ସେବା କରିବାରେ ଅତିବାହିତ କରିଦେଲେ ଅର୍ଥାତ୍ ସମର୍ପି ଦେଇଥିଲେ । ସଙ୍କଟାପର୍ଣ୍ଣ ଅବସ୍ଥାରେ ସେ ଅତି ଦୃଢ଼ତାର ସହିତ ସେବା କରୁଥିଲେ । ହୁଜୁର ଅନଓ୍ୱରଅ.ବ କହିଲେ; (ତାଙ୍କ ନିଧନରେ) ମୋତେ ମଧ ହାନି ପହଞ୍ଚିଛି, ମୁଁ ତାଙ୍କ ସହିତ ସମୟ ଅତିବାହିତ କରିଛି, ସେ ଅତି ଭଦ୍ର, ନମ୍ର ଓ ସେବାକାରୀ ମଣିଷ ଟିଏ ଥିଲେ । ସେ ଉତ୍ସର୍ଗୀମାନଙ୍କର ବହୁତ ଖିଆଲ ରଖୁଥିଲେ, ଅତିଥି ସତ୍କାର କରିବା ଗୁଣ ତାଙ୍କ ଠାରେ ଭରି ରହିଥିଲା । ଉଭୟ ପତିପତ୍ନୀ ବେଶ ଅତିଥି ସତ୍କାରୀ ଥିଲେ, **ଏପରି ଅନେକ ସୁଗୁଣର ଅଧିକାରୀ ଖୁବ୍ କମ୍ ଲୋକ ଥାନ୍ତି ।**

**ଦ୍ୱିତୀୟ** ମୃତକ ହେଲେ ଶ୍ରୀମାନ ହମଦ୍ ଅହମଦ ଗୌରୀ ସାହେବ ହାଇଦ୍ରାବାଦ ନିବାସୀ । ସେ ଜଣେ ମୁସି ବ୍ୟକ୍ତି ଥିଲେ । ନିଜ ପଛରେ ସେ ପତ୍ନୀଙ୍କ ବ୍ୟତୀତ ଚାରିଜଣ ପୁତ୍ର ଓ ଜଣେ କନ୍ୟା ତଥା ଅନେକ ନାତିନାତୁଣୀ ଛାଡ଼ି ଯାଇଛନ୍ତି । ସବୁ ପିଲାମାନେ କୌଣସି ନା କୌଣସି ରଙ୍ଗରେ ଜମାଅତର ସେବା କରୁଛନ୍ତି । ସ୍ୱର୍ଗତ, ମୁହମ୍ମଦ୍ ଇନାମ୍ ଗୌରୀ ସାହେବ ନାଜିର୍ ଆ'ଲା କାଦିୟାନ୍‌ଙ୍କର ସାନ ଭାଇ ଥିଲେ । ସେ ଶ୍ରୀମାନ ସମଦ୍ ଗୌରୀ ସାହେବ ମୁବଲ୍ଲିଗ୍ ସିଲସିଲା ଓ ସଦର୍ ଜମାଅତ ଆଲ୍‌ବାନିୟାଙ୍କର ପିତା ଥିଲେ । ସ୍ୱର୍ଗତ ନିୟମିତ ରୂପେ ନମାଜରୋଜା, ତହ୍‌ଜୁଦ ପାଠକାରୀ ଓ ପବିତ୍ର କୁରଆନକୁ ଖୁବ୍ ପ୍ରେମ କରୁଥିବା ବ୍ୟକ୍ତି ଥିଲେ । ଖିଲାଫତ୍‌ର ଆଜ୍ଞାକାରୀ ତଥା ଅତି ପୁଣ୍ୟବାନ ବ୍ୟକ୍ତି ଥିଲେ ।

ସ୍ୱର୍ଗତଙ୍କୁ ହଜ୍ ଓ ଉମ୍‌ରା କରିବାର ମଧ୍ୟ ସୌଭାଗ୍ୟ ଲାଭ ହୋଇଥିଲା ଓ ସେ ଖିଲାଫତ୍‌ର ଆଦେଶ ପାଳନକାରୀ ବ୍ୟକ୍ତି ଥିଲେ । ଛୋଟରୁ ଛୋଟ ଅବା ବଡରୁ ବଡ ପ୍ରତ୍ୟେକ ପ୍ରକାର ଆଦେଶ ଶୁଣିବା ମାତ୍ରେ ତାଙ୍କର ଏହି ଚେଷ୍ଟା ରହୁଥିଲା ଯେ **ସର୍ବପ୍ରଥମେ ନିଜେ ତାହାର ପାଳନ କରିବି, ତା'ପରେ ଯାଇ ଜମାଅତକୁ କହିବି । ଏହା ଫଳରେ ଅଲ୍ଲାଃତାଲାଙ୍କ କୃପାରୁ ତାଙ୍କୁ ସଫଳତା ମଧ୍ୟ ମିଳୁଥିଲା** । ସେ ହୋମିଓ୍ୱପ୍ୟାଥି ଉପଚାର ମଧ୍ୟ କରୁଥିଲେ ଓ ନିଜ ଘରେ ହୋମିୟୋପ୍ୟାଥି ଔଷଧ ଗଚ୍ଛିତ ରଖିଥିଲେ । ଯାହାକି ସେ ଲୋକମାନଙ୍କୁ ମାଗଣାରେ ବିତରଣ କରୁଥିଲେ । ଅର୍ଥଦାନ କରିବାରେ ସର୍ବାଗ୍ରେ ରହୁଥିଲେ, ଅତି ସହାନୁଭୂତିଶୀଳ ଓ ଦୟାବାନ ବ୍ୟକ୍ତି ତଥା ପରିଜନମାନଙ୍କୁ ନିଜ ଘରେ ଏକତ୍ରିତ କରୁଥିଲେ, ସେମାନଙ୍କର ଦୁଃଖସୁଖରେ ଉପସ୍ଥିତ ହେଉଥିଲେ ।

କେନ୍ଦ୍ରୀୟ ପ୍ରତିନିଧି ଓ ମୁରବୀମାନଙ୍କର ବେଶ୍ ମାନ ସମ୍ମାନ କରୁଥିଲେ । ସ୍ୱର୍ଗତ ବିଭିନ୍ନ ପଦ ଯେପରିକି ନାଏବ ଅମିର୍ ହାଇଦ୍ରବାଦ, ସେକ୍ରେଟାରୀ ତାଲିମୁଲ୍ କୁରଆନ, ସାହିର ସଦର ଓ ନାଜିମ୍ ଅନ୍‌ସାରୁଲ୍ଲାଃ ତଥା ନାଏବ ସଦର୍ ଅନ୍‌ସାରୁଲ୍ଲାଃ ଜୁନୁବି ହିନ୍ଦ୍ ଇତ୍ୟାଦି ଗୁରୁଦାୟିତ୍ୱ ତୁଲାଇବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ସେ ଯାହା ହେଉ ଜମାଅତର ଯଥେଷ୍ଟ ସେବା କରିବାର ତାଙ୍କୁ ସୁଯୋଗ ମିଳିଛି, ଏପରିକି ସେ ଲଣ୍ଡନର ବାର୍ଷିକ ଧର୍ମସମ୍ମିଳନୀରେ ମଧ୍ୟ ଥରେ ଯୋଗ ଦେଇଥିଲେ । ଅଲ୍ଲାଃତାଲା ତାଙ୍କ ପ୍ରତି କ୍ଷମା ଆଚରଣ ପୂର୍ବକ ସଦୟ ହୁଅନ୍ତୁ । ତାଙ୍କ ପୁତ୍ର ମୁବଲ୍ଲିଗ୍ ସିଲସିଲା ଯିଏକି ଆଲବାନିୟାରେ ମୁତୟନ ଅଛନ୍ତି ତାଙ୍କ ଜନାଯାଃରେ ସାମିଲ ହୋଇପାରିଲେ ନାହିଁ । ଅଲ୍ଲାଃତାଲା ତାଙ୍କୁ ମଧ୍ୟ ଧୈର୍ଯ୍ୟ ପ୍ରଦାନ କରନ୍ତୁ । ମହାମହିମ ହୁଜୁର ଅନଓ୍ୱର[ଅ.ବ] ସମସ୍ତ ମୃତକଙ୍କ ପାଇଁ କ୍ଷମାଯାଚନା କଲେ ଓ ବୈକୁଣ୍ଠରେ ତାଙ୍କର ସ୍ତର ଉର୍ଦ୍ଧ୍ୱଗାମୀ ହେବା ନିମନ୍ତେ ଦୁଆ କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

3rd October 2025

*Translated to Odia by :* Moulavi Anwar Ahmad Khan